ଓଡ଼ିଶା ସରକାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର

* * * * *

## କାର୍ଯ୍ୟାଳୟ ଆଦେଶ

ଭୁବନେଶ୍ୱର, ତା- ୨୪.୮.୨୦୨୨

**ସଂଖ୍ୟା-CG-04/2022 ୨୮୨୪/ଓ.ଭା.ସା.ସଂ.ବି,** ଏତଦ୍ଦ୍ୱାରା ସମସ୍ତ କଳାକାର, ସାଂସ୍କୃତିକ ଅନୁଷ୍ଠାନ, ନୃତ୍ୟ ସଙ୍ଗୀତ ବିଦ୍ୟାଳୟ, ଛଉନୃତ୍ୟ ଅନୁଷ୍ଠାନ, ମଞ୍ଚ ନାଟକ ଅନୁଷ୍ଠାନ ଏବଂ ସାଂସ୍କୃତିକ ଦଳଅନୁଷ୍ଠାନ ମାନଙ୍କୁ ଜଣାଇ ଦିଆଯାଉଅଛି କି, ଏ ପୃଥିବୀକୁ ସରସ ସୁନ୍ଦର କରିବା ପାଇଁ କଳାକାରମାନଙ୍କର ଅବଦାନ ଅତୁଳନୀୟ ଅଟେ । ସେମାନେ ତାଙ୍କ ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ଭାସ୍କର୍ଯ୍ୟ ଓ ସାହିତ୍ୟ ମାଧ୍ୟମରେ ଏ ସୃଷ୍ଟିକୁ ମଧୁମୟ କରିଥାଆନ୍ତି । ଏ ସୃଷ୍ଟିକୁ ଆହୁରି ଋଦ୍ଧିମନ୍ତ କରିବା ପାଇଁ ଏଥିରେ ସବୁଜିମା ଭରିବାର ଆବଶ୍ୟକତା ଆଜି ସର୍ବତ୍ର ଅନୁଭୂତ ହେଉଅଛି । ଏଥିରେ କଳାକାରମାନଙ୍କର ସର୍ଜନଶୀଳ ଅବଦାନ ରହିବାର ଆବଶ୍ୟକତା ପଡୁଅଛି ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିବର୍ଷ ଅନେକ ଅନୁଷ୍ଠାନ ମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆର୍ଥିକ ଅନୁଦାନ ଏବଂ ସହାୟତା ଯୋଗାଇ ଦିଆଯାଉଅଛି । ସେମାନେ ସଂସ୍କୃତିର ବିକାଶ ସହ ସବୁଜିମାର ବିକାଶ ପାଇଁ ଯଦି କ୍ଷୁଦ୍ର ପ୍ରୟାସଟିଏ କରନ୍ତେ ତେବେ ଏ ପୃଥିବୀ ଆହୁରି ସୁନ୍ଦରତର ହୋଇପାରନ୍ତା ।

ଏହି ପରିପ୍ରେକ୍ଷୀରେ ଆର୍ଥିକ ଅନୁଦାନ ପାଇଁ ଆବେଦନ କରୁଥିବା ପ୍ରତ୍ୟେକ ଅନୁଷ୍ଠାନ ଯଦି ଅନ୍ୟୁନ ୧୦ ଗୋଟି ଗଛ ତାଙ୍କ ଅନୁଷ୍ଠାନ ପରିସରରେ ଲଗେଇ ପାରନ୍ତେ ଏହି ଲକ୍ଷ୍ୟ ପୂରଣ ହୁଅନ୍ତା । ଯେଉଁ ଅନୁଷ୍ଠାନର ବୃକ୍ଷରୋପଣ ପାଇଁ ଆବଶ୍ୟକ ଭୂମି ନଥିବ ସେମାନେ ତାଙ୍କ ଛାତ ଉପରେ କିମ୍ବା କୋଠା ଭିତରେ ମଧ କୁଣ୍ଡରେ ଏହି ବୃକ୍ଷରୋପଣ କାର୍ଯ୍ୟ କରିପାରିବେ । ଆସନ୍ତା ୨୦୨୨-୨୩ ଆର୍ଥିକ ବର୍ଷ ଠାରୁ ଅନୁଦାନ ପାଇଁ ଦରଖାସ୍ତ କରିବା ସମୟରେ ସେମାନେ ଏହାର ପ୍ରମାଣସ୍ୱରୂପ ଫଟୋ କିମ୍ବା ଭିଡ଼ିଓ ସଂଲଗ୍ନ କରିବା ବାଧ୍ୟତାମୂଳକ ଅଟେ । ଚଳିତ ବର୍ଷାଋତୁ ଏଥିପାଇଁ ପ୍ରକୃଷ୍ଟ ସମୟ ହୋଇଥିବାରୁ ସମସ୍ତ ଆବେଦନକାରୀ ଅନୁଷ୍ଠାନମାନେ ଏ ଦିଗରେ ପ୍ରୟାସୀ ହେବା ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁରୋଧ କରାଯାଉଅଛି । ଏତଦ୍‌ବ୍ୟତୀତ, ବିଭାଗ ଅଧୀନରେ ପରିଚାଳିତ ସମସ୍ତ ଅଧସ୍ତନ କାର୍ଯ୍ୟାଳୟ ମଧ୍ୟ ଏ ଦିଗରେ ପ୍ରୟାସୀ ହେବା ପାଇଁ ଅନୁରୋଧ କରାଗଲା ।

ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଆଦେଶ କ୍ରମେ

ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- ୨୮୨୪/ଓ.ଭା.ସା.ସଂ.ବି, ତା ୨୪.୮.୨୦୨୨

ଏହାର ଏକକିତା ନକଲ ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ ବିଭାଗଙ୍କ ସଦୟ ଅବଗତି ନିମନ୍ତେ ତାଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା ।

ଉପ ନିର୍ଦ୍ଦେଶକ

ଜ୍ଞାପକ ସଂଖ୍ୟା- ୨୮୨୫/ଓ.ଭା.ସା.ସଂ.ବି, ତା ୨୪.୮.୨୦୨୨

ଏହାର ଏକକିତା ନକଲ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ସଦୟ ଅବଗତି ନିମନ୍ତେ ତାଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା ।

ଉପ ନିର୍ଦ୍ଦେଶକ

ପ.ପୃ.ଦେ.

ଜ୍ଞାପକ ସଂଖ୍ୟା- ୨୮୫୩ /ଓ.ଭା.ସା.ସଂ.ବି, ତା ୨୪.୮.୨୦୨୨

ଏହାର ଏକକିତା ନକଲ ବିଭାଗ ଅଧୀନରେ ପରିଚାଳିତ ସମସ୍ତ ଅଧସ୍ତନ କାର୍ଯ୍ୟାଳୟର ମୁଖ୍ୟଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରେରଣ କରାଗଲା ।

ଉପ ନିର୍ଦ୍ଦେଶକ

ଜ୍ଞାପକ ସଂଖ୍ୟା- ୨୮୫୮ /ଓ.ଭା.ସା.ସଂ.ବି, ତା ୨୪.୮.୨୦୨୨

ଏହାର ଏକକିତା ନକଲ ବିଭାଗ ପକ୍ଷରୁ ଆର୍ଥିକ ଅନୁଦାନ ପ୍ରାପ୍ତ ସମସ୍ତ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରେରଣ କରାଗଲା ।

ଉପ ନିର୍ଦ୍ଦେଶକ

ଜ୍ଞାପକ ସଂଖ୍ୟା- ୨୮୫୫ /ଓ.ଭା.ସା.ସଂ.ବି, ତା ୨୪.୮.୨୦୨୨

ଏହାର ଏକକିତା ନକଲ M/s Luminous Infoways Pvt. Ltd. (Corporate Office), DCB-615/616/617, 6th Floor, DLF Cyber City, Chandaka Silpanchal, Bhubaneswar-751024 ଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ୍ www.orissaculture.gov.in ରେ ଅପ୍‌ଲୋଡ୍ କରିବା ନିମନ୍ତେ ପ୍ରେରଣ କରାଗଲା ।

ଉପ ନିର୍ଦ୍ଦେଶକ